# NATIONAL NEWS BULLETIN (ODIA)
## 03rd June - 2024
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭା ନିର୍ବାଚନର ଭୋଟ୍‌ଗଣତି ଆସନ୍ତାକାଲି; ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ।
- ଚଳିତ ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରିଥିବା ମହିଳା ଭୋଟରଙ୍କ ସଂଖ୍ୟା ବିଶ୍ୱରେ ସର୍ବାଧିକ ବୋଲି କହିଲେ ମୁଖ୍ୟ ନିର୍ବାଚନ କମିଶନର୍ ।
- ଦକ୍ଷିଣ କାଶ୍ମୀରର ପୁଲ୍‌ୱାମା ଜିଲ୍ଲାରେ ଆଜି ସୁରକ୍ଷା ବାହିନୀ ଯବାନମାନଙ୍କ ସହ ସଂଘର୍ଷରେ ଦୁଇ ଜଣ ସନ୍ତ୍ରାସବାଦୀ ନିହତ ।
- ସିରିଆର ଆଲେପ୍ପୋ ଅଞ୍ଚଳରେ ଆଜି ଇସ୍ରାଏଲ୍‌ର ବିମାନ ଆକ୍ରମଣରେ ୧୨ ଜଣ ଇରାନ୍ ସମର୍ଥକ ନିହତ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ଦ୍ୱିତୀୟ ମ୍ୟାଚ୍ ଶ୍ରୀଲଙ୍କା ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବ' ମୁକାବିଲା ।

## କାଉଣ୍ଟିଂ - ଭୋଟ୍ସ୍

ଅଷ୍ଟାଦଶ ଲୋକସଭା ନିର୍ବାଚନର ଭୋଟ୍ ଗଣତି ଆସନ୍ତାକାଲି ଅନୁଷ୍ଠିତ ହେବ । ଆନ୍ଧ୍ରପ୍ରଦେଶ, ଓଡ଼ିଶା ବିଧାନସଭା ନିର୍ବାଚନ ଏବଂ ଅନ୍ୟ କେତେକ ରାଜ୍ୟର ଉପନିର୍ବାଚନର ଭୋଟ୍‌ଗଣତି ମଧ୍ୟ ଏକସଙ୍ଗେ କରାଯିବ । ସକାଳ ୮ଟାରୁ ଗଣତି ଆରମ୍ଭ ହେବ । ନିର୍ବାଚନ ଆୟୋଗ କହିଛନ୍ତି, ଗଣତିର ଧାରା ଏବଂ ଫଳାଫଳ ଆୟାଗଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ । ଭୋଟର୍ ହେଲ୍‌ପଲାଇନ୍ ଆପ୍‌ରେ ମଧ୍ୟ ଏହା ଉପଲବ୍ଧ ହେବ ବୋଲି ଆୟୋଗ ସୂଚନା ଦେଇଛନ୍ତି । ଗଣତି ବ୍ୟବସ୍ଥା, ଭୋଟ୍ ଗଣତି ପ୍ରକ୍ରିୟା, ଇ.ଭି.ଏମ୍. ଓ ଭିଭିପାଟ୍‌ର ସଂରକ୍ଷଣ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଆୟୋଗ କହିଛନ୍ତି ।

# ଓଡ଼ିଶା -କାଉଣ୍ଟି ପ୍ରିପାରେସନ୍

ଓଡ଼ିଶାର ସମସ୍ତ ୨୧ଟି ଲୋକସଭା ଏବଂ ୧୪୭ଟି ବିଧାନସଭା ଆସନ ପାଇଁ ହୋଇଥିବା ନିର୍ବାଚନର ଆସନ୍ତାକାଲି ଭୋଟ୍‌ଗଣତି ସକାଶେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଭୋଟ୍ ଗଣତି ନିମନ୍ତେ ୧୬୮ଟି କେନ୍ଦ୍ର ସ୍ଥାପନ କରାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାର ସୂଚନା ଦେଇଛନ୍ତି । ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅଣସ୍ତରୀଟି ଷ୍ଟ୍ରଙ୍ଗ ରୁମ୍‌ରେ ଇଭିଏମ୍ ଏବଂ ଭିଭିପାଟ୍ ମେସିନ୍‌ଗୁଡ଼ିକୁ ସୁରକ୍ଷିତ ରଖାଯାଇଛି । ୨୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ଏବଂ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ନିର୍ବାଚନ ପରବର୍ତ୍ତୀ ଆଇନ୍‌ଶୃଙ୍ଖଳା ବଜାୟ ରଖିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ଆଇନଶୃଙ୍ଖଳା ବଜାୟ ରଖିବା ଲାଗି ୭୦ରୁ ଅଧିକ କେନ୍ଦ୍ରୀୟ ସଶସ୍ତ୍ରବାହିନୀ ରାଜ୍ୟରେ ମୁତୟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ଆସନ୍ତାକାଲି ସାଧାରଣ ନିର୍ବାଚନ ଭୋଟ୍ ଗଣତିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ବିତ ପାତ୍ର, ଅପରାଜିତା ଷଡ଼ଙ୍ଗୀ, ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟ. ବିଜେଡି ସାଧାରଣ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ,

ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ କୁମାର ଜେନା ପ୍ରମୁଖଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ ।

## ଓଡ଼ିଶା - କ୍ୟାବିନେଟ୍ ମିଟିଂ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍‌ର ଶେଷ ବୈଠକ ଅନୁଷ୍ଠିତ ହୋଇଛି । ଏହା ବି.ଜେ.ଡି. ସରକାରର ପଞ୍ଚମ ପାଳିର ଶେଷ କ୍ୟାବିନେଟ୍ ବୈଠକ । ଏହି ବୈଠକରେ ଓଡ଼ିଶା ବିଧାନସଭା ଭଙ୍ଗପାଇଁ ରାଜ୍ୟପାଳଙ୍କୁ ସୁପାରିସ କରାଯାଇଛି । ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ମାଧ୍ୟମରେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ଆସନ୍ତାକାଲି ଲୋକସଭା ଓ ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା କରାଯିବ । ତେବେ ନୂଆ ସରକାର ଘୋଷଣା ହେବା ପୂର୍ବରୁ ବିଧାନସଭା ଭାଙ୍ଗିବା ବିଧିକ୍ରମରେ ଆଜିର ଏହି ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି ।

## ସି.ଇ.ସି. ବ୍ରିଫିଙ୍ଗ୍

ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି, ଲୋକସଭା ନିର୍ବାଚନରେ ୬୪ କୋଟି ୨୦ ଲକ୍ଷ ଭୋଟର ଅଂଶଗ୍ରହଣ କରିବା ଏକ ବିଶ୍ୱରେକର୍ଡ । ନୂଆଦିଲ୍ଲୀଠାରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଶ୍ରୀ କୁମାର କହିଛନ୍ତି ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ ଓ କାନାଡ଼ା ଭଳି ସମସ୍ତ ଜି-୭ ଦେଶର ଭୋଟରଙ୍କ ସଂଖ୍ୟା ତୁଳନାରେ ଏହା ଦେଢ଼ଗୁଣ । ଚଳିତ ଲୋକସଭା ନିର୍ବାଚନରେ ୩୧ କୋଟି ୨୦ ଲକ୍ଷ ମହିଳା ଭୋଟର ଅଂଶଗ୍ରହଣ କରିବା ମଧ୍ୟ ବିଶ୍ୱରେ ସର୍ବାଧିକ ବୋଲି ସେ କହିଛନ୍ତି । ୨୦୧୯ ସାଧାରଣ ନିର୍ବାଚନରେ ୫୪୦ଟି ବୁଥ୍‌ରେ ପୁନଃ ମତଦାନ ହୋଇଥିବାବେଳେ ଚଳିତଥର ମାତ୍ର ଅଣଚାଳିଶଟି ବୁଥ୍‌ରେ ପୁନଃ ମତଦାନ ହେବା ଅନ୍ୟ ଏକ ସଫଳତା ବୋଲି ଶ୍ରୀ କୁମାରର କହିଛନ୍ତି ।

## ବି.ଜେ.ପି. - ମିଟିଂ

ଆସନ୍ତାକାଲି ଲୋକସଭା ନିର୍ବାଚନର ଭୋଟ୍‌ଗଣତି ହେବାକୁ ଥିବାରୁ ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ଦଳୀୟ ନେତାମାନଙ୍କ ସହ ଭୋଟ୍‌ଗଣତି ପ୍ରସ୍ତୁତି ନେଇ ବୈଠକ କରିଛନ୍ତି । ଏହି ବୈଠକରେ ବରିଷ୍ଠ

ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ଦଳର ସାଧାରଣ ସମ୍ପାଦକ ବି.ଏଲ୍. ସନ୍ତୋଷ ଏବଂ ବିନୋଦ ତାୱ୍ଡେ ପ୍ରମଖ ଅଂଶଗ୍ରହଣ କରିଥିଲେ । ନୂଆଦିଲ୍ଲୀରେ ବୈଠକ ପରେ ଶ୍ରୀ ତାୱ୍ଡ଼େ କହିଛନ୍ତି, ଆସନ୍ତାକାଲି ଭୋଟ୍‌ଗଣତି ପାଇଁ ଦଳର ପ୍ରସ୍ତୁତି ସମ୍ପର୍କରେ ଦଳୀୟ ଦଳୀୟ ନେତାମାନେ ଆଲୋଚନା କରିଛନ୍ତି ।

## ପି.ଏମ୍. - କରୁଣାନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେ. କରୁଣାନିଧିଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆଜି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, କରୁଣାନିଧି ତାମିଲନାଡୁର ବିକାଶ ଏବଂ ତାମିଲ୍ ଲୋକଙ୍କ ପାଇଁ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ । କରୁଣାନିଧି ତାଙ୍କର କର୍ତ୍ତବ୍ୟନିଷ୍ଠ ଏବଂ କାର୍ଯ୍ୟଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରଶଂସାଭାଜନ ହୋଇପାରିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଇ.ସି. - କଂଗ୍ରେସ ରମେଶ

ନିର୍ବାଚନ ଆୟୋଗ’ କଂଗ୍ରେସ ନେତା ଜୟରାମ ରମେଶ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ କରିଥିବା ଅଭିଯୋଗ ସଂକ୍ରାନ୍ତ ସବିଶେଷ ତଥ୍ୟ ପ୍ରଦାନ ପାଇଁ ମାଗିଥିବା ଏକ ସପ୍ତାହ ସମୟ ଅବଧିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଶ୍ରୀ ରମେଶ’ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ୧୫୦ ଜଣ ଜିଲ୍ଲାପାଳ କିମ୍ବା ଉପଜିଲ୍ଲାପାଳଙ୍କୁ ଭୋଟ୍ ଗଣତି ପୂର୍ବରୁ ପ୍ରଭାବିତ କରିବା ଲାଗି ଫୋନ୍ କରିଥିବା ଅଭିଯୋଗ କରିଥିଲେ । ଆୟୋଗ ପକ୍ଷରୁ ଶ୍ରୀ ରମେଶଙ୍କୁ ପତ୍ର ମାଧ୍ୟମରେ ଆଜି ସନ୍ଧ୍ୟା ସୁଦ୍ଧା ଅଭିଯୋଗର ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ କୁହାଯାଇଥିଲା । ଆୟୋଗ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି, କୌଣସି ଜିଲ୍ଲା ମାଜିଷ୍ଟ୍ରେଟ୍’ ଭୋଟ୍‌ଗଣତି ସଂକ୍ରାନ୍ତରେ ସେମାନଙ୍କୁ ପ୍ରଭାବିତ କରିବା ଲାଗି ଚାପ ପକାଯାଇଛି ବୋଲି ଅଭିଯୋଗ କରି ନାହାନ୍ତି । ସୂଚନାଯୋଗ୍ୟ, ଗତକାଲି କଂଗ୍ରେସ ନେତା ଜୟରାମ ରମେଶ ଆୟୋଗଙ୍କୁ ପତ୍ର ଲେଖି ସବିଶେଷ ତଥ୍ୟ ଦାଖଲ ପାଇଁ ଏକ ସପ୍ତାହ ସମୟ ମାଗିଥିଲେ ।

## ପୁଲ୍‌ୱାମା ଏନ୍‌କାଉଣ୍ଟର୍

ଦକ୍ଷିଣ କାଶ୍ମୀରର ପୁଲ୍‌ୱାମା ଜିଲ୍ଲା ଅନ୍ତର୍ଗତ ନିହାମା ଗ୍ରାମରେ ଆଜି ସୁରକ୍ଷା ବାହିନୀ ଯବାନମାନଙ୍କ ସହ ସଂଘର୍ଷରେ ଦୁଇ ଜଣ ସନ୍ତ୍ରାସବାଦୀ ନିହତ

ହୋଇଛନ୍ତି । ସେହି ଅଞ୍ଚଳରେ ସନ୍ତ୍ରାସବାଦୀମାନେ ରହିଥିବା ସୂଚନା ମିଳିବା ପରେ ସୁରକ୍ଷା ବାହିନୀ ପକ୍ଷରୁ ସକାଳେ ଆକ୍ରମଣ କରାଯାଇଥିଲା । ନିହତ ହୋଇଥିବା ଦୁଇ ଜଣ ସନ୍ତ୍ରାସବାଦୀଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି । ସେହି ଅଞ୍ଚଳରେ ପୁଲିସ୍ ଏବଂ ସେନାର ମିଳିତ ବାହିନୀ ପକ୍ଷରୁ ତଲାସୀ କରାଯାଇଥିଲା ।

## ହେଲ୍‌ଥ୍ ମିନିଷ୍ଟ୍ରୀ - ହସ୍ପିଟାଲ୍

ଦେଶର ବିଭିନ୍ନ ସ୍ଥାନରେ ହସ୍ପିଟାଲ୍‌ଗୁଡ଼ିକରେ ହେଉଥିବା ଅଗ୍ନିକାଣ୍ଡ ଘଟଣା ପରିପ୍ରେକ୍ଷୀରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଡାକ୍ତରଖାନାଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଡାକ୍ତରଖାନା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଚିକିତ୍ସିତ ହେଉଥିବା ରୋଗୀ, କର୍ମଚାରୀ ଏବଂ ପରିଦର୍ଶକମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ନିରାପତ୍ତା ବ୍ୟବସ୍ଥାକୁ କଡାକଡ଼ି କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ଡାକ୍ତରଖାନାଗୁଡ଼ିକରେ ବିଦ୍ୟୁତ୍ ସଟ୍‌ସର୍କିଟ୍ ଏବଂ ଏୟାର କଣ୍ଡିସନର୍ ଓ ଅନ୍ୟାନ୍ୟ ମେସିନ୍ ବ୍ୟବହାର ଯୋଗୁଁ ଓଭର୍ ଲୋଡ଼ିଂ ହେଉଥିବାରୁ ଅଗ୍ନିକାଣ୍ଡ ଘଟୁଥିବା ଜଣାପଡ଼ିଛି । ନିକଟରେ ରାଜ୍ୟ,

କେନ୍ଦ୍ରଶାସିତ ଅଞ୍ଚଳ ଏବଂ ୩୯୦ଟି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟମାନଙ୍କ ସହ ମନ୍ତ୍ରଣାଳୟ ପକ୍ଷରୁ ନିରାପତ୍ତା ସଂକ୍ରାନ୍ତ ବୈଠକ କରାଯାଇଛି ।

## ଜାପାନ - ଆର୍ଥକ୍ୱାକ୍

ଜାପାନର କେନ୍ଦ୍ରୀୟ ଅଞ୍ଚଳ ଇଶିକାୱା ଅନ୍ତର୍ଗତ ନୋଟୋ ଅଞ୍ଚଳରେ ଆଜି ସକାଳେ ଏକ ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲ୍‌ରେ ଏହା ତୀବ୍ରତା ୬ ରେକର୍ଡ଼ କରାଯାଇଛି । ଭାରତୀୟ ସମୟ ପ୍ରାତଃ ୬ଟା ୩୧ ମିନିଟ୍ ସମୟରେ ଏହି ଭୂମିକମ୍ପ ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଭୂମିକମ୍ପର ଗଭୀରତା ୧୪ କିଲୋମିଟର ରହିଥିବା ସୂଚନା ଦିଆଯାଇଛି । ବଡ଼ ଭୂମିକମ୍ପ ପରେ ଛୋଟ ଧରଣର ଭୂମିକମ୍ପ ଲଗାତର ଅନୁଭୂତ ହୋଇଥିଲା । ଭୂମିକମ୍ପର କେନ୍ଦ୍ରସ୍ଥଳ ୩୭ ଦଶମିକ ୫ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୧୩୭ ଦଶମିକ ୩ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା ।

## ସିରିଆ-ଇସ୍ରାଏଲ୍ ଏୟାର୍ ଷ୍ଟ୍ରାଇକ୍

ସିରିଆର ଉତ୍ତରାଞ୍ଚଳ ପ୍ରଦେଶ ଆଲେପ୍ପୋ ଅଞ୍ଚଳରେ ଆଜି ବଡ଼ି ଭୋର୍ ସମୟରେ ଇସ୍ରାଏଲ୍‌ର ବିମାନ ଆକ୍ରମଣରେ ୧୨ ଜଣ ଇରାନ୍ ସମର୍ଥକ ମିଲିସିଆ ପ୍ରାଣ ହରାଇଛନ୍ତି । ସିରିଆର ମାନବାଧିକାର ପର୍ଯ୍ୟବେକ୍ଷକ ସଂସ୍ଥା ପକ୍ଷରୁ କୁହାଯାଇଛି, ଆଲେପ୍ପୋର ଆଖପାଖ ଅଞ୍ଚଳରେ ସିରିଆ ଏବଂ ଅଣସିରିଆ ନାଗରିକମାନଙ୍କୁ ନେଇ ଗଠିତ ମିଲିସିଆମାନେ ସେଠାରେ ରହୁଥିଲେ । ଆଲେପ୍ପୋର ଉତ୍ତର-ପଶ୍ଚିମ ଭାଗରେ ଥିବା ହାୟାନ୍ ସହରରେ ଅନେକ ଆକ୍ରମଣ ହୋଇଥିବା ସୂଚନା ମିଳିଛି । ସିରିଆରେ ଲେବାନନ୍ ହେଜ୍‌ବୁଲ୍ଲା ଏବଂ ଇରାନୀୟ ମିଲିସିଆଙ୍କଦ୍ୱାରା ଗତ ମାସରେ ହୋଇଥିବା ଆକ୍ରମଣର ଯୋଗୁଁ ଆଲେପ୍ପୋରେ ଏହି ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ ପବ୍ଲିକ୍ ସ୍ପିକ୍‌ର ଆଜି ରାତି ସାଢ଼େ ୯ଟାରେ ସିଧା ପ୍ରସାରଣ କରାଯିବ । ଆଲୋଚନାର ବିଷୟବସ୍ତୁ ରହିଛି 'ଗ୍ରୀଷ୍ମପ୍ରବାହ ସମୟରେ ସୁରକ୍ଷିତ ରହିବା' । ଜାତୀୟ ବିପର୍ଯ୍ୟୟ

ପରିଚାଳନା ପ୍ରାଧିକରଣର ସଦସ୍ୟ ଡକ୍ଟର କ୍ରିଷ୍ଣା ଏସ୍. ବାତ୍ସା ଏବଂ ଏମ୍ସ୍‌ର ଭେଷଜ ବିଭାଗର ଡାକ୍ତର ପୀୟୁଷ ରଞ୍ଜନ ଏହି ଆଲୋଚନାରେ ବିଶେଷଜ୍ଞ ଭାବେ ଯୋଗ ଦେବେ । ଗ୍ରୀଷ୍ମପ୍ରବାହରୁ ନିଜକୁ ସୁରକ୍ଷିତ ରଖିବା ସମ୍ପର୍କିତ ପ୍ରଶ୍ନ ଶ୍ରୋତାମାନେ ସିଧାସଳଖ ଭାବେ ପଚାରିପାରିବେ । ରାତି ସାଢ଼େ ୯ଟାରୁ ୦୧୧-୨୩୩୧୪୪୪୪ କିମ୍ବା ୦୧୧-୨୩୪୨୧୦୫୦ ଟେଲିଫୋନ୍ ନମ୍ବରକୁ କଲ୍ କରି ପ୍ରଶ୍ନ ପଚାରିପାରିବେ । ସେହିପରି ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ମାଧ୍ୟମରେ ମଧ୍ୟ ଶ୍ରୋତାମାନେ ପ୍ରଶ୍ନ ପଚାରିପାରିବେ ।

ଆକାଶବାଣୀ ଗୋଲ୍ଡ୍ ଚ୍ୟାନେଲ୍ ଏବଂ ଅତିରିକ୍ତ ଫ୍ରିକୁଏନ୍ସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ AIR DOT GOV DOT IN ଏବଂ ଆମର ୟୁଟ୍ୟୁବ୍ ଚ୍ୟାନେଲ୍ NEWS ON AIRରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

## ଟି-ଟ୍ୱେଣ୍ଟି ୱାର୍ଲଡ୍ କପ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ଦ୍ୱିତୀୟ ମ୍ୟାଚ୍ ଶ୍ରୀଲଙ୍କା ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବ ।

ନ୍ୟୁୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଖେଳାଯିବ ।

ବାର୍ବାଡସ୍‌ର କେନ୍‌ସିଙ୍ଗ୍‌ଷ୍ଟନ୍ ଓଭାଲ୍‌ଠାରେ ଅନୁଷ୍ଠିତ ଆଜିର ପ୍ରଥମ ମ୍ୟାଚ୍‌ରେ ନାମିବ୍ୟା' ଓମାନ୍‌କୁ ୧୧ ରନ୍‌ରେ ପରାସ୍ତ କରିଥିଲା ।

*****